

ଲୋକଙ୍କ ସୁବିଧା ପାଇଁ ଭୁବନେଶ୍ୱର-ପୁନେ ମଧ୍ୟରେ ଏୟାର ଏସିଆର ସ୍ୱତନ୍ତ୍ର ବିମାନ ଚଳାଚଳ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୩ ମାସ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ବିମାନ ସେବା ଓଡ଼ିଶାରେ ଉନ୍ନତ ଯୋଗାଯୋଗ ସହ ପର୍ଯ୍ୟଟନ ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। **-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ତ୍ରିମତ **ଘରୋଇ ସ୍କୁଲ ଫି’**

ଘରୋଇ ସ୍କୁଲ୍‌ର ଫି’ ଛାଡ଼ ହେବା ଉଚିତ କି ?

କରୋନା ମାହାମାରୀ ପାଇଁ ସାରା ବିଶ୍ୱ ଅଚଳ ହୋଇପଡ଼ିଥିଲା । ସବୁକିଛି ବ୍ୟବସ୍ଥା ଠପ୍ ହୋଇଯାଇଥିଲା । ଦୋକାନ, ବଜାର, ସ୍କୁଲ କଲେଜ, ସରକାରୀ ତଥା ବେସରକାରୀ ସଂସ୍ଥାଗୁଡ଼ିକ ମଧ୍ୟ ଏହି କରୋନା ପ୍ରଭାବରେ ବନ୍ଦ ରହିଥିଲା । ବେସରକାରୀ ସ୍କୁଲ ବନ୍ଦ ଥିବା ସତ୍ତ୍ୱେ ବି ବାର୍ଷିକ ଫି’ ବାବଦରେ ଅଭିଭାବକମାନଙ୍କୁ ସମ୍ପୂର୍ଣ୍ଣ ଦେୟଦେବାକୁ ପଡ଼ିବ ବୋଲି ସ୍କୁଲ କର୍ତ୍ତୃପକ୍ଷ କହୁଥିବାବେଳେ ଘରୋଇ ସ୍କୁଲ ଅଭିଭାବକ ସଂଘ କିନ୍ତୁ ଏହାର ବିରୋଧ କରିଛି । କରୋନା ସମସ୍ତଙ୍କର ଆର୍ଥିକ ମାନଦଣ୍ଡ ଦୁର୍ବଳ କରିଦେଇଥିବା ସତ୍ତ୍ୱେ ବି ସ୍କୁଲମାନଙ୍କର ମନମାନୀ ନୀତି ଆଦୌ ଠିକ୍ ନୁହେଁ ବୋଲି କହିଛି ଅଭିଭାବକ ସଂଘ । କ୍ଲାସ ହେଉ ନଥିଲା କି ପିଲାମାନେ ସ୍କୁଲ ଯାଉ ନଥିଲେ ତେବେ ପିଲାଙ୍କ ଫି’ କାହିଁକି ଦେବେ ବୋଲି ଅଭିଭାବକ କହିଲେ ବି ଶୁଣିବ କିଏ ? ଘରୋଇ ସ୍କୁଲର କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ଟାଳଟୁଳ ନୀତିରେ ସମାଧାନ ମିଳୁନଥିବାରୁ କେସ୍ ଧରିଲାଣି ହାଇକୋର୍ଟ । କଣ ରହିଛି ଏବାବଦରେ ସବିଶେଷ ବିବରଣୀ ଆସନ୍ତୁ ଜାଣିବା ।

ବଦ୍ରିନାଥ ପଟ୍ଟନାୟକ
ସଭାପତି, ଘରୋଇ ସ୍କୁଲ ସଂଘ

ଫି’ ଛାଡ଼ କରିବା ଉଚିତ

କରୋନା ମହାମାରୀ ସବୁ ବ୍ୟବସ୍ଥାକୁ ଯେତେବେଳେ ଅଚଳ କରିଦେଇଥିଲା, ସେତେବେଳେ ଲୋକଙ୍କର ଆର୍ଥିକ ଅବସ୍ଥା କେବଳ ଖରାପ ହୋଇ ନଥିଲା, ବିଭିନ୍ନ ସଂସ୍ଥାମାନେ ଦେବାଳିଆ ହୋଇଯିବା ସହିତ ଅନେକ ମଧ୍ୟ ଜୀବନଜୀବିକା ହରାଇଲେ । ଏହି ସମୟରେ ଘରୋଇ ସ୍କୁଲଗୁଡ଼ାକ ଯଦି ସ୍କୁଲ ଫି’ ଛାଡ଼ ନକରିବେ, ତାହେଲେ ପିଲାମାନଙ୍କ ଭବିଷ୍ୟତ ନିଶ୍ଚିତ ଭାବରେ ଅନ୍ଧାରକୁ ଚାଲିଯିବ । ମାନ୍ୟବର ହାଇକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ସମସ୍ତେ ମାନିବାକୁ ବାଧ୍ୟ । ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସମସ୍ତ ଘରୋଇ ସ୍କୁଲ ଯାହା ଯାହା ଗାଇଡ୍‌ଲାଇନ୍ ରହିଛି, ମାନିବାକୁ ବାଧ୍ୟ । ଯଦି କେହି ଏହାର ଅବହେଳା କରେ, ତାହେଲେ ଆଇନ ଅନୁଯାୟୀ ସେହି ସ୍କୁଲଗୁଡ଼ିକରୁ ନୋ ଅବଜେକସନ୍ ସାର୍ଟିଫିକେଟ୍‌କୁ ସରକାର ପ୍ରତ୍ୟାହାର କରିନେବେ । ଏହାକୁ କଡ଼ାକଡ଼ି କରାଯିବା ଦରକାର କାରଣ ଘରୋଇ ସ୍କୁଲଗୁଡ଼ିକ ମନଇଚ୍ଛା ଫି’ କଲେକସନ କରିପାରିବେ ନାହିଁ । ବର୍ତ୍ତମାନ ସମୟରେ ଆର୍ଥିକ ଚାପ ଯେମିତି ପଡ଼ିଛି, ତାହାକୁ ସ୍ୱାଭାବିକ କରିବାକୁ ସମୟ ଲାଗିବ । ଏହି ପରିସ୍ଥିତିରେ ଘରୋଇ ସ୍କୁଲଗୁଡ଼ିକ ଯଦି ବିଭିନ୍ନ ଆଳରେ ଅଭିଭାବକଙ୍କୁ ଆର୍ଥିକ ସଙ୍କଟରେ ପକାଇବେ, ତାହେଲେ ସେମାନେ ଦେବାକୁ ଅସମର୍ଥ ହେବା ସହିତ ପିଲାମାନେ ମଧ୍ୟ ପାଠପଢ଼ାରୁ ବଞ୍ଚିତ ହେବେ । କେତେକ ସ୍କୁଲ ହାଇକୋର୍ଟଙ୍କ ନିଷ୍ପତ୍ତି ମାନିବାକୁ ନେଇ ଦ୍ୱିମତ ପ୍ରକାଶ କରିଛନ୍ତି । ହାଇକୋର୍ଟ ରାୟ ଦେବା ପରେ ଅଭିଭାବକ ସଂଘ ସହିତ ଘରୋଇ ସ୍କୁଲ ସଂଘ ଓ ଅନ୍ୟାନ୍ୟ ସଂଗଠନ ମିଳିତ ଭାବରେ ସହଯୋଗଭିତ୍ତିରେ କିପରି ସ୍କୁଲ ଚାଲିପାରିବ ଓ ପିଲାମାନେ ପୂର୍ବଭଳି ପାଠ ପଢ଼ିବେ, ସେବାବଦରେ ଆଲୋଚନା କରିଥିଲେ । କିନ୍ତୁ ହାତଗଣତି କେତେକ ସ୍କୁଲ ଏହି ନିୟମ ନମାନିବା କାରଣରୁ ଯେଉଁ ପିଲାମାନେ ସେହିସବୁ ଅନୁଷ୍ଠାନରେ ପଢୁଛନ୍ତି, ସେମାନେ ହଇରାଣ ହେବା ସହିତ ସେମାନଙ୍କ ଅଭିଭାବକ ମଧ୍ୟ ଆର୍ଥିକ ଦୁର୍ଗତିକୁ ସାମ୍ନା କରିବେ ।

ବାସୁଦେବ ଭଞ୍ଜ
ଅଧ୍ୟକ୍ଷ, ଅଭିଭାବକ ମହାସଂଘ

ନ୍ୟାୟାଳୟଙ୍କ ନିଷ୍ପତ୍ତି ମାନିବା ଉଚିତ

କରୋନା ମହାମାରୀରେ ବେସରକାରୀ ସ୍କୁଲ ଗୁଡିକ ଫି’ ଛାଡ଼ କରିବା ପ୍ରସଙ୍ଗରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ବେସରକାରୀ ସ୍କୁଲ ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି, ଶିକ୍ଷା ଆଇନ ୧୯୬୯ ଅନୁସାରେ, ହୋଇଥିବା ଏକ ରିଜୋଲ୍ୟୁସନ, ୨୩ ସେପ୍ଟେମ୍ବର୧୯୯୬ ଧାରା ୪-ଆଇ ଅନୁସାରେ ସ୍କୁଲର ଫି’କୁ ସରକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବେ। ରିଜୋଲ୍ୟୁସନ ଅନୁସାରେ, ସ୍କୁଲ ଦେଉଥିବା ସମସ୍ତ ସୁବିଧା ସୁଯୋଗ ଅନୁଯାୟୀ ଅଭିଭାବକମାନଙ୍କର ସମ୍ମତି ସହିତ ଗଣଶିକ୍ଷା ବିଭାଗ ସ୍କୁଲ ଅନୁଯାୟୀ ଫି’ ନିର୍ଦ୍ଧାରଣ କରିବେ। ସ୍କୁଲ ନ ମାନିଲେ ସରକାର ସେମାନଙ୍କର ଏନଓସି କିମ୍ବା ସ୍ୱୀକୃତି ପ୍ରତ୍ୟାହାର କରିପାରିବେ । ଆଡ଼ଭୋକେଟ ଜେନେରାଲଙ୍କ ଅନୁରୋଧ କ୍ରମେ କୋର୍ଟଙ୍କ ନିର୍ଦ୍ଦେଶରେ ମହାମାରୀ ପାଇଁ ଫି’ ରିହାତି ସମ୍ପର୍କରେ ଆପୋଷ ସମାଧାନ ପ୍ରମୁଖ ଶାସନ ସଚିବଙ୍କ ମଧ୍ୟସ୍ଥତାରେ କରାଯିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍କୁଲ ଏକ ମୁନାଫାଖୋରୀ ବ୍ୟବସାୟିକ ଅନୁଷ୍ଠାନ ନୁହେଁ । ଏହା ଶିକ୍ଷା ଦାନ ଭଳି ମହତ ଓ ଉତ୍ସର୍ଗୀକୃତ ସେବା ପ୍ରଦାନକାରୀ ଅନୁଷ୍ଠାନ, ତେଣୁ ଏଥିରେ ମୁନଫାଖୋର ହୋଇପାରିବେ ନାହିଁ ବୋଲି ମାନ୍ୟବର ଉଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ରାୟ ପରେ ପ୍ରାଇଭେଟ ସ୍କୁଲମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ସମ୍ବନ୍ଧୀୟ ବିବାଦର ପୂର୍ଣ୍ଣଚ୍ଛେଦ ପଡିଛି। ସରକାର କହୁଥିଲେ ବେସରକାରୀ ସ୍କୁଲ ସରକାରଙ୍କ ନିୟନ୍ତ୍ରଣରେ ନାହାନ୍ତି । ୨୩ ସେପ୍ଟେମ୍ବର ୧୯୯୬ ଧାରା ୪-ଆଇ ଅନୁସାରେ ସରକାରଙ୍କ ନିୟନ୍ତ୍ରଣରେ ଘରୋଇ ସ୍କୁଲ, ଫି’ ନିର୍ଦ୍ଧାରଣ କ୍ଷମତା ମଧ ସରକାରଙ୍କର । ମହାମାରୀରେ ଫି’ ଆଦାୟ ସଂକ୍ରାନ୍ତୀୟ ରିହାତି ପାଇଁ ହୋଇଥିବା ଓଏମୟୁ ଅନୁଯାୟୀ ଏହି ବର୍ଷ ପାଇଁ ନିର୍ଦ୍ଧାରିତ ସ୍ଲାବ୍ ଅନୁଯାୟୀ ଫି’ରେ ରିହାତି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଫି’ ଆଦାୟ ନ କରିବା ପାଇଁ ହୋଇଥିବା ନିଷ୍ପତ୍ତିକୁ ଲାଗୁ କରିବାକୁ ନିର୍ଦ୍ଦେଶ ସରକାର ଦେବେ ଓ ଟ୍ୟୁସନ ଫି’ ମଧ ନିର୍ଦ୍ଧାରଣ କରିବାକୁ ପଡିବ ।

ସୁଦୀପା ମହାନ୍ତି
ଅଭିଭାବକ

୫୦ ପ୍ରତିଶତ ଫି’ ଛାଡ଼ିବା ଉଚିତ

କରୋନା ମହାମାରୀ ପାଇଁ ସମସ୍ତ ସ୍କୁଲ, କଲେଜ ଅନେକ ଦିନ ଧରି ବନ୍ଦ ରହିଥିଲା । ପିଲାମାନେ ସ୍କୁଲ ଯାଇ ପାଠ ପଢ଼ିବା ସମ୍ଭବ ହେଉ ନଥିଲା । ଘରେ ଅନେକ ମାସ ବସିବା ପରେ ଅନ୍‌ଲାଇନ୍ କ୍ଲାସ୍ କରାଯାଇଥିଲା । ଏହାଦ୍ୱାରା ପିଲାଙ୍କୁ ସିନା ପାଠରୁ ଅନ୍ତର ହୋଇଯିବା ପାଇଁ ବ୍ୟବସ୍ଥା କରାଗଲା, ହେଲେ ଏହି ମାଧ୍ୟମରେ ପାଠପଢ଼ା ସହଜରେ ହୋଇପାରିଲା ନାହିଁ । ସ୍କୁଲଗୁଡ଼ିକରେ ପାଠପଢ଼ା ହୋଇ ନପାରୁଥିବା କାରଣରୁ ସ୍କୁଲଗୁଡ଼ିକ ଯେତିକି କ୍ଷତି ସହିଲେ ପିଲାମାନେ ଅଧିକ କ୍ଷତି ସହିଲେ । ସେମାନେ ଠିକ୍ ଭାବରେ ପଢ଼ିପାରିଲେ ନାହିଁ, ଯଦ୍ଦ୍ୱାରା ଅଳ୍ପସମୟ ମଧ୍ୟରେ କୋର୍ସ କମାଇ କିଭଳି ପରୀକ୍ଷା କରି ଶ୍ରେଣୀ ଉତ୍ତୀର୍ଣ୍ଣ କରିବେ ସେହି ଚିନ୍ତାରେ ସମସ୍ତେ ରହିଲେ । ଏହି ବ୍ୟବସ୍ଥାରେ ପିଲାଟିଏ ସିନା ଉପରକୁ ଗଲା ହେଲେ ତା ଜ୍ଞାନର ପରିପ୍ରକାଶ ହୋଇପାରିଲା ନାହିଁ। ଏହାଦ୍ୱାରା ସେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବସିବାକୁ ସମର୍ଥ ହୋଇପାରିବ ନାହିଁ । ପିଲାଟିଏ ସ୍କୁଲ ନଯିବା ଦ୍ୱାରା ସ୍କୁଲ ପରିଚାଳନା ପାଇଁ ମଧ୍ୟ ସେମିତି କିଛି ଖର୍ଚ୍ଚ କର୍ତ୍ତୃପକ୍ଷଙ୍କର ପଡୁ ନଥିଲା । ସେମାନେ କର୍ମଚାରୀଙ୍କୁ ଅଧା ଦରମା ଦେବା ସହିତ ଯେକୌଣସି ପରିଚାଳନାଗତ ଖର୍ଚ୍ଚ ମଧ୍ୟ କମ୍ ରହିଲା । ସେମାନେ ଯଦି ଅଧାଖର୍ଚ୍ଚରେ ଅନୁଷ୍ଠାନକୁ ସମ୍ଭାଳି ପାରିଲେ, ତାହେଲେ କାହିଁକି ପିଲାଙ୍କ ଠାରୁ ସମ୍ପୂର୍ଣ୍ଣ ଖର୍ଚ୍ଚ ନେବେ । ଅନେକ ଆନୁଷଙ୍ଗିକ ଖର୍ଚ୍ଚ ଯୋଡ଼ି ଅଧିକ ପରିମାଣରେ ସ୍କୁଲ ଖର୍ଚ୍ଚକୁ ଯେଭଳି ଭାବରେ ପୂର୍ବରୁ ନିଆଯାଉଥିଲା, ଏବେ ଯଦି ସେମିତି ନେବା ପାଇଁ ସ୍କୁଲ ଚାହିଁବ, ତାହେଲେ ଅଭିଭାବକଙ୍କୁ ଶୋଷଣ କଲାପରି ଲାଗିବ । ତେଣୁ ସ୍କୁଲ ଫି’ ସବୁକୁ କେବଳ ଅଭିଭାବକଙ୍କ ଉପରେ ଛାଡ଼ିଦେଲେ ହେବ ନାହିଁ, ସ୍କୁଲ ପରିଚାଳକ ମଧ୍ୟ ଏହାର ଭରଣା ଅର୍ଥାତ ଛାଡ଼ କରିବା ଦରକାର । ସ୍କୁଲ ଫି’ର ୫୦ ପ୍ରତିଶତ ଅଭିଭାବକମାନେ ଦେବା ଦରକାର। ଏହାଦ୍ୱାରା ନା ସ୍କୁଲ ନା ଅଭିଭାବକ ଅଧିକ ପରିମାଣରେ ପ୍ରଭାବିତ ହୋଇପାରିବେ ।

ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ।

ଉପସ୍ଥାପନା: ଶ୍ରୀଗୋବିନ୍ଦ

ଟ୍ୱିଟ୍ @nitidintoday

ଘରୋଇ ବିଦ୍ୟାଳୟର ଫି’କୁ ନେଇ ଗତକାଲି ମାନ୍ୟବର ହାଇକୋର୍ଟଙ୍କର ରାୟ ସ୍ୱାଗତଯୋଗ୍ୟ । ଏହା ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆଶ୍ୱସ୍ତି ଦେଇଛି ।
-ପ୍ରଦୀପ୍ତ କୁମାର ନାଏକ, ବିରୋଧୀଦଳ ନେତା

ଭୁବନେଶ୍ୱର-ପୁନେ ସିଧାସଳଖ ବିମାନ ଚଳାଚଳ ପାଇଁ ଯୋଗାଇ ଦିଆଯାଇଥିବା ଆର୍ଥିକ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ। ଏହା ରାଜ୍ୟର ପର୍ଯ୍ୟଟନର ବିକାଶ ନିମନ୍ତେ ବିଶେଷ ସହାୟକ ହୋଇପାରିବ ।
-ସସ୍ମିତ ପାତ୍ର, ରାଜ୍ୟସଭା ସାଂସଦ

ବିଶ୍ୱରେ ଭାରତୀୟ ସଂସ୍କୃତିକୁ ସ୍ଥାପିତ କରିଥିବା ଯୁବକଙ୍କ ପ୍ରେରଣାସ୍ରୋତ ସ୍ୱାମୀ ବିବେକାନନ୍ଦ ଜୀଙ୍କ ଜନ୍ମଜୟନ୍ତୀରେ କୋଟି କୋଟି ପ୍ରଣାମ ।
-ବିଷ୍ଣୁ ସେଠୀ, ବିଜେପି ନେତା

ଓପିନିଅନ୍ ପୋଲ୍

ଆଜିର ପ୍ରଶ୍ନ
ଘରୋଇ ସ୍କୁଲର ଫି’ ଛାଡ଼ ହେବା ଉଚିତ କି ?

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି ଜଣାନ୍ତୁ।

ଗତ ଥରର ପ୍ରଶ୍ନ: କୋଭିଡ୍ କଟକଣା କୋହଳ ହେଲେ ଆଉ ସମସ୍ୟା ଉପୁଜିବ କି ?



ସୋଶାଲ୍ ମିଡିଆରେ ‘ନିତିଦିନ’
Twitter @nitidintoday
facebook.com/nitidintoday
email: nitidinedit@gmail.com

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଦ୍ୱାରା ଜାତୀୟ ଯୁବ ଦିବସ ପାଳିତ

ସମାଜ ସଂସ୍କାର କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ମହାନ ସମାଜ ସଂସ୍କାରକ, ବିଚାରକ ଏବଂ ଦାର୍ଶନିକ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ‘ଯୁବଶକ୍ତିର ଜାଗରଣରେ ଜାତୀୟ ବିକାଶ’ ଅନୁଚିନ୍ତାକୁ ନେଇ ସମଗ୍ର ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ଯୁବଗୋଷ୍ଠୀଙ୍କୁ ନିଜର ଦାୟିତ୍ୱବୋଧ ଓ ସମାଜ ପ୍ରତି କର୍ତ୍ତବ୍ୟ ସ୍ମରଣ କରାଇବାକୁ ଏହି ଅବସରରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ସ୍ଥାନୀୟ ଆଇଏମ୍‌ଏ ହାଉସ୍‌ଠାରେ ଜାତୀୟ ଯୁବ ଦିବସ-୨୦୨୧ ପାଳିତ ହୋଇଯାଇଛି। ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଂଯୁକ୍ତା ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଞ୍ଜନା ପଣ୍ଡା, ବିତ୍ତ ପରାମର୍ଶଦାତା ତଥା ଯୁଗ୍ମ ନିର୍ଦ୍ଦେଶକ ରଞ୍ଜିତା ବେହେରା, ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ, ପ୍ରୋକ୍ୟୋରମେଣ୍ଟ ଅଧିକାରୀ ବରେନ୍ଦ୍ର ନାଥ ବେଜ, ଯୁଗ୍ମ ନିର୍ଦ୍ଦେଶକ ଡ. ଡି.ଏସ୍.ଅରବିନ୍ଦ ଏବଂ ଅନ୍ୟ ମାନ୍ୟଗଣ ବ୍ୟକ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏକ ଭିଡିଓ ବାର୍ତ୍ତାରେ କହିଥିଲେ ଯେ ସମାଜ ସଂସ୍କାରକ, ଯୁବଗୋଷ୍ଠୀଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ସମାଜ ସଂସ୍କାର କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ଭଳି ସଂକ୍ରମଣକୁ ପ୍ରତିହତ କରିବା, ନିଜେ ସଚେତନ ହୋଇ ସମାଜକୁ ସୁସ୍ଥ ରଖିବା ଯୁବଶକ୍ତିର ଦାୟିତ୍ୱ। ଯୁବଗୋଷ୍ଠୀ ସଂକଳ୍ପ ନିଅନ୍ତୁ ନିଜେ ସୁସ୍ଥ ରହି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରନ୍ତୁ ବୋଲି କହିଥିଲେ।

ଜାତୀୟ ଯୁବ ଦିବସ
National Youth Day-2021
12th January, 2021
"Channelizing youth power for nation building"

ଏହି ଅବସରରେ ଡ. ସଂଯୁକ୍ତା ସାହୁ କହିଥିଲେ ଯେ ସ୍ୱତନ୍ତ୍ରତା ହେଉ ବା ବିକାଶ ହେଉ ସବୁ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଶଂସନୀୟ। ଯୁବଗୋଷ୍ଠୀ ସଚେତନ ହେଲେ ଏଚ୍‌ଆଇଭି ଭଳି ସଂକ୍ରମଣ ରାଜ୍ୟରେ ନିଜର ପ୍ରାଦୁର୍ଭାବ ବୃଦ୍ଧି କରିପାରିବ ନାହିଁ ଏବଂ ଆମେ ଅତି ସହଜରେ ୨୦୩୦ ସୁଦ୍ଧା ଏଡ୍‌ସର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ଏକ ବିରାଟ ଯୋଗଦାନ ଦେଇପାରିବା। ସମ୍ମାନିତ ଅତିଥିମାନେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତ୍ତନର ବାହକ, ରାଜ୍ୟ ତଥା ଦେଶର ଭବିଷ୍ୟତ ଭାବେ ଅଭିହିତ କରି କହିଥିଲେ ଯେ ଯୁବଗୋଷ୍ଠୀ ଯେତେବେଳେ କୌଣସି କାର୍ଯ୍ୟକୁ ନିଜ ହାତକୁ ନିଅନ୍ତି ସେହି କାର୍ଯ୍ୟ ନିଶ୍ଚିତ ରୂପେ ସଫଳ ହୋଇଥାଏ। ତେଣୁ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ସେ ପ୍ରବର୍ତ୍ତାଇଥିଲେ ନିଜେ ଆମକୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଦିବସର ଅବ୍ୟବହିତ ପୂର୍ବରୁ କୋଭିଡ୍ ନିୟମ ଅନୁଯାୟୀ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ଝୋଟି, ରଙ୍ଗୋଲି ଆଦି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା।

ସତ୍ୟସାଇ ସେବା ସଂଗଠନର ୪୫ତମ ରାଜ୍ୟ ସମ୍ମିଳନୀ

LOVE ALL SERVE ALL
SAI JANANI
45TH STATE CONFERENCE

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ସତ୍ୟସାଇ ସେବା ସଂଗଠନର ୪୫ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳା ହିଁ ଆଧାତ୍ମିକ ସାଧନାର ମୂଳମନ୍ତ୍ର ଏବଂ ଆଧାତ୍ମିକତା ହେଉଛି ଶ୍ରୀସତ୍ୟସାଇ ସେବା ସଂଗଠନର ଭିତ୍ତି ବୋଲି ସଂଗଠନର ଅଖିଳ ଭାରତ ସଭାପତି ନିମିଷ ପାଣ୍ଡ୍ୟା କହିଛନ୍ତି। ନିଜ ଭିତରେ ଦୈବତ୍ୱକୁ ଆବିଷ୍କାର କରିବା ସହିତ ସମଗ୍ର ଜଗତରେ ଏହାର ପ୍ରକାଶକୁ ଦର୍ଶନ କରିବା ହେଉଛି ଆମର ସାଧନା ବୋଲି ସେ କହିଥିଲେ। ଚଳିତବର୍ଷ ସମ୍ମିଳନୀର ମୂଳଭିତ୍ତି ‘ନ ଶ୍ରେୟୋ ନିୟମମ୍ ବିନା’କୁ ଆଧାର କରି ଅନ୍‌ଲାଇନ୍ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଶାଖା ସଭାପତି ନାରାୟଣ ଚନ୍ଦ୍ର ସର ସାଇ ସେବା ସଂଗଠନର ଆଗାମୀ ପାଞ୍ଚବର୍ଷର ଲୋକ କଲ୍ୟାଣକର ପରିଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଶାନ୍ତି ନିଳୟମ୍‌ଠାରେ ଶ୍ରୀସତ୍ୟସାଇ ରାଷ୍ଟ୍ରୀୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ୧୧ଜଣ ଯୁବପ୍ରତିଭାଙ୍କୁ ଏ ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତିନିଦିନ ଧରି ସମ୍ମିଳନୀ ଆୟୋଜନ ଅବସରରେ ଆଧାତ୍ମିକ, ମହିଳା, ସେବା, ଶିକ୍ଷା ଓ ଯୁବ ବିଭାଗ ପକ୍ଷରୁ ପ୍ରସ୍ତୁତ ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ଶିକ୍ଷା ସଂଯୋଜକ ଡ. ଅଶୋକ କୁମାର ହୋତା, ମହିଳା ଶିକ୍ଷା ସଂଯୋଜିକା ନୟନତାରା ଛୋଟରାୟ, ରାଜ୍ୟ ଯୁବ ବିଭାଗ ସଂଯୋଜକ ଚିନ୍ମୟ କୁମାର ପତି, ପ୍ରଶାନ୍ତି ସେବା ସଂଯୋଜକ ଏନ୍ ଭାସ୍କର ରାଓ, ଅମୀୟ କାନୁନ୍‌ଗୋ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଇ ଆଶ୍ରିତ ପ୍ରଫେସର ହରେକୃଷ୍ଣ ଦାଶ, ରାଜ୍ୟ ଟ୍ରଷ୍ଟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସଚ୍ଚିଦାନନ୍ଦ ନାୟକ, ସଚ୍ଚିଦାନନ୍ଦ ନନ୍ଦ, ସୁଧାଂଶୁ କୁମାର ନାୟକ, ତ୍ରିଲୋଚନ ମିଶ୍ର ପ୍ରମୁଖ ବିଭିନ୍ନ ଦିବସରେ ସାଇ ଜନନୀଠାରେ ଯୋଗ ଦେଇଥିଲେ। ସାଇ ଅବତାରଙ୍କ ଆଗାମୀ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମର ବିଭିନ୍ନ ରୂପରେଖ ଓ ଯୋଜନା ସମ୍ପର୍କରେ ମଧ ବିଶେଷ ଆଲୋଚନା କରାଯାଇଥିଲା।

‘ଦଶଟି ଜନଆନ୍ଦୋଳନର ଗାଥା’ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ନିଗମାନନ୍ଦ ଷଡ଼ଙ୍ଗୀ ଓ ରଞ୍ଜନା ପାଢ଼ୀଙ୍କ ଦ୍ୱାରା ‘ଗାଁ ଛାଡ଼ିବୁ ନାହିଁ: ଦଶଟି ଜନଆନ୍ଦୋଳନର ଗାଥା’ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ହୀରାକୁଦ ଓ ରେଙ୍ଗାଲି ନଦୀବନ୍ଧ ବିରୋଧୀ ଜନଆନ୍ଦୋଳନରୁ ଆରମ୍ଭ କରି ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ, ବକ୍ସାଇଟ୍ ଓ ଆଲୁମିନା କାରଖାନାକୁ ବିରୋଧ କରି ବାଲ୍‌କୋ ବିରୋଧୀ ଗନ୍ଧମାର୍ଦ୍ଦନ, କାଶୀପୁର ଓ ନିୟମଗିରି ଜନଆନ୍ଦୋଳନ, ଟାଟା ବିରୋଧୀ ଚିଲିକା ମତ୍ସ୍ୟଜୀବୀ ଆନ୍ଦୋଳନ, ଟିସ୍କୋ ବିରୋଧୀ ଆନ୍ଦୋଳନରୁ ଆରମ୍ଭ କରି ଧାନ, ପାନ ଓ ମୀନର ପୋସ୍କୋ ବିରୋଧୀ ଆନ୍ଦୋଳନ ଯାଏ ଦଶଟି ଜନଆନ୍ଦୋଳନର ଅନେକ ଅନ୍ତରଙ୍ଗ କଥାକୁ ଗୋଟିଏ ମାଳାରେ ଗୁନ୍ଥିବାକୁ ଚେଷ୍ଟା କରିଛନ୍ତି ଲେଖକ ଓ ଲେଖିକା ଦ୍ୱୟ। ବହୁ ଅନାଲୋଚିତ ଓ ଗୁରୁତ୍ୱପୂର୍ଣ୍ଣ ଗବେଷଣାମୂଳକ ବିଷୟବସ୍ତୁ ତଥା ଜୀବନ୍ତ ଘଟଣାବଳୀକୁ ନେଇ ଏହି ପୁସ୍ତକଟି ସୋମବାର ଲୋହିଆ ଏକାଡେମୀ ପରିସରରେ ଉନ୍ମୋଚିତ ହୋଇଯାଇଛି। ‘ଅନ୍ୱେଷା’ ପକ୍ଷରୁ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ଅବସରରେ ଅନ୍ୱେଷାର ସମ୍ପାଦକ ସରୋଜ ମହାନ୍ତି ପ୍ରାରମ୍ଭିକ ସୂଚନା ତଥା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଲୋକାର୍ପଣ ସମାବେଶକୁ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ତଥା ସାମ୍ପ୍ରତିକ କୃଷକ ଆନ୍ଦୋଳନର ନେତା ଲିଙ୍ଗରାଜ ସଂଯୋଜନା କରିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ବୀରେନ୍ଦ୍ର ନାୟକ, ଗାନ୍ଧୀବାଦୀ ଶୈଳଜା, କବୟିତ୍ରୀ ତଥା ଗବେଷିକା ସୁଜାତା ସାହାଣୀ, ରାଜନୈତିକ ବିଶ୍ଳେଷକ ଶ୍ରୀମନ୍ତ ମହାନ୍ତି ପୁସ୍ତକର ବିଭିନ୍ନ ଦିଗକୁ ବିଶ୍ଳେଷଣ କରି ଅନେକ ମର୍ମସ୍ପର୍ଶୀ ଆଲୋଚନା କରିଥିଲେ। ଉକ୍ତ ପୁସ୍ତକଟି ଆଗାମୀ ଦିଗରେ ଜନଆନ୍ଦୋଳନ ଗୁଡ଼ିକୁ ନୂତନ ଦିଶା ଦେବ ବୋଲି ମତପ୍ରକାଶ କରିଥିଲେ।

ସୋଆ ଏନ୍‌ଏସ୍‌ଏସ୍‌ର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏନ୍‌ଏସ୍‌ଏସ୍ ଶାଖାର ୨୦୨୦-୨୧ ବର୍ଷ ନିମନ୍ତେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସୋଆ କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ହମାରା ବଚ୍‌ପନ୍‌ର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ, ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁସୂଦନ ଦାସ, ସୋଆ ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର୍ ଷ୍ଟଡିଜ୍ (ଆଇବିସିଏସ୍) ଡିନ୍ ପ୍ରଫେସର ଅନୁପ୍ କୁମାର ସାମନ୍ତରାୟ, ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ଶିତିକଣ୍ଠ ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ଡିନ୍ ପ୍ରଫେସର ନୀତା ମହାନ୍ତି, ସୋଆ ଏଗ୍ରିକଲଚରାଲ୍ ସାଇନ୍‌ସେସ୍‌ର ଡିନ୍ (ପିଜି) ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସମ୍ ନର୍ସିଂ କଲେଜ ଡିନ୍ ପ୍ରଫେସର ପ୍ରଭାତୀ ତ୍ରିପାଠୀ ଓ ଛାତ୍ର ପ୍ରତିନିଧି ପ୍ରତୀକ ଦାସ ଯୋଗ ଦେଇଥିଲେ। ପ୍ରୋଗ୍ରାମ୍ ସଂଯୋଜକ ଡ. ନଚିକେତା ଶର୍ମା ବାର୍ଷିକ ବିବରଣୀ ପାଠ କରିବା ସହ କୋଭିଡ୍-୧୯ ସମୟରେ ବ୍ୟୁରୋ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

NSS ADVISORY COMMITTEE MEETING
SOA NSS BUREAU
SIKSHA 'O' ANUSANDHAN UNIVERSITY
BHUBANESWAR
Time & Date: 4pm, 11th January 2021

ଲିଙ୍ଗଗତ ହିଂସା ସଚେତନତା କାର୍ଯ୍ୟକ୍ରମ, ଗ୍ରାମ ପୁନର୍ଗଠନ, ପ୍ରଥମ ପର୍ଯ୍ୟାୟରେ ମହିଳା ସ୍ୱେଚ୍ଛାସେବୀଙ୍କର ଆତ୍ମସୁରକ୍ଷା ପ୍ରଶିକ୍ଷଣ, ପୋଷ୍ୟ ଗାଁମାନଙ୍କରେ ସ୍ୱଚ୍ଛ ଭାରତ, ଡିଜିଟାଲ୍ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ୍ ଅଫିସର ଚୟନ କରି ପୁରସ୍କୃତ କରିବା, ମାନସିକ-ସାମାଜିକ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ କାଉନ୍‌ସେଲିଂ, ଡାକ୍ତରଖାନା ଓ ଘର ମଝିରେ ସେବାଦାତାର ଭୂମିକା ତୁଲାଇବା ପାଇଁ ମାନସିକତା, ଦୃଷ୍ଟିକୋଣ, ଦକ୍ଷତା, ଆଚରଣ ଉପରେ ଜୋର୍ ଦେବା ଆଦି ବିଷୟରେ ଅଧିକ ମନୋନିବେଶ କରିବାକୁ ସମସ୍ତ ସଭ୍ୟ ପରାମର୍ଶ ଦେଇଥିଲେ।

ଚିତ୍ରକଳା ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଇଷ୍ଟର୍ଣ୍ଣ ଫାଉଣ୍ଡେସନ ଅଫ ଆର୍ଟ ଏଣ୍ଡ କଲ୍‌ଚର ଦ୍ୱାରା ଆୟୋଜିତ ‘୨୧ ସ୍ୱାଗତମ ୨୧’ ଶୀର୍ଷକ ୪ ଦିବସୀୟ ଅନ୍‌ଲାଇନ୍ କଳାଶିବିର ଉଦ୍‌ଯାପିତ ହୋଇଯାଇଛି। ୱେବିନାର ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସଦସ୍ୟ କେଶବ ବର୍ଣ୍ଣୋତି ପରିଚାଳନା କରିଥିଲେ। ଇଷ୍ଟର୍ଣ୍ଣ ଫାଉଣ୍ଡେସନର ସଭାପତି ପ୍ରଦୀପ୍ତ ଦାସ ସମସ୍ତ ଚିତ୍ରଶିଳ୍ପୀଙ୍କୁ ସାଧୁବାଦ ଜଣାଇଥିଲେ। ଚିତ୍ରଶିଳ୍ପୀମାନେ ସମାଜ ଓ କଳାର ଉନ୍ନତି ପାଇଁ ପ୍ରତିକାରବଦ୍ଧ ରହିବା ଦରକାର। ଏହାଦ୍ୱାରା ସମାଜକୁ ନୂଆ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଆୟୋଜିତ ୱେବିନାର୍‌ରେ ମତ ପ୍ରକାଶ ପାଇଥିଲା। ଦିଲ୍ଲୀର ଚିତ୍ରଶିଳ୍ପୀ ଡ. ନିରଜା ପିଟର୍ସ ଇଏଫ୍‌ଏସିର ପ୍ରୟାସରେ ମହାମାରୀ ସମୟରେ ଭାରତବର୍ଷର ଶିଳ୍ପୀମାନେ ନୂଆ କାମ କରିବାର ପ୍ରେରଣା ପାଇଥିଲେ। ଚଣ୍ଡିଗଡ଼ କଳା ମହାବିଦ୍ୟାଳୟର ଅଧ୍ୟାପକ ଲକ୍ୱିନ୍ଦର ସିଂ କଳା ଶିବିର ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଛି ବୋଲି କହିବା ସହିତ ଗ୍ରାଫିକ୍ସର ନୂଆ ଟେକ୍‌ନିକ୍ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାର ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଏହି ଅନ୍‌ଲାଇନ୍ ଶିବିର ଦ୍ୱାରା ନିଜର ଚିତ୍ର ପ୍ରଦର୍ଶନ ସହିତ ଭାରତର ବିଭିନ୍ନ ପ୍ରାନ୍ତରେ ଶିଳ୍ପୀମାନେ ଥାଇ ମଧ୍ୟ ନୂଆବର୍ଷରେ ଗୁଗୁଲ ପ୍ଲାଟ୍‌ଫର୍ମରେ ସମସ୍ତେ ନିଜର ଭାବନାକୁ କାନ୍‌ଭାସ୍‌ରେ ପ୍ରକାଶିତ କରି କଳାଚର୍ଚ୍ଚା କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ନୋଇଡ଼ାର ପ୍ରଲୋୟ କୁଣ୍ଡୁ ମଧ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ପାଦକ ମନୋଜ ଷଣ୍ଢ ଧନ୍ୟବାଦ ଦେଇଥିଲେ।